

ଏ ଜନ୍ମରେ ସୁକର୍ମ କଲେ ଆଗାମୀ ଜନ୍ମରେ ଉଚ୍ଚତର ଜୀବନ ମିଳେ।
- ଗୌତମବୁଦ୍ଧ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଡ୍ରିମ୍ଜ କ୍ରିଏଶନ ପକ୍ଷରୁ ଓଡ଼ିଶା ଓ୍ୱେଡିଂ ଏକ୍ସପୋ, ମେ ଫେୟାର କନଭେନଶନ, ପୂର୍ବାହ୍ନ ୧୧ଟା ୩୦।
- ଜାତୀୟସ୍ତରୀୟ ଖଦି ଓ ଗ୍ରାମୋଦ୍ୟୋଗ ପ୍ରଦର୍ଶନୀ ଏବଂ ବିକ୍ରୟ ମେଳା, ପ୍ରଦର୍ଶନୀ ପଡ଼ିଆ, ସନ୍ଧ୍ୟା ୬ଟା।
- ଆକାଶବାଣୀ ସଙ୍ଗୀତ ସମ୍ମେଳନ, ସୂଚନା ଭବନ, ସନ୍ଧ୍ୟା ୬ଟା।
- ଓଁ ମା ଗଜଲକ୍ଷ୍ମୀ ପୂଜା ସମିତିର ଲକ୍ଷ୍ମୀ ପୂଜାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଲକ୍ଷ୍ମୀସାଗର ମେଳନ ପଡ଼ିଆ, ସନ୍ଧ୍ୟା ୭ଟା।
- ଗଜଲକ୍ଷ୍ମୀ ସଂସ୍କୃତି ସଂଘ ଓ ଜୟ ଓଡ଼ିଶା ପକ୍ଷରୁ ଗଜଲକ୍ଷ୍ମୀ ପୂଜା, ଖାରବେଳ ନଗର, ୟୁନିଟ-୩, ସନ୍ଧ୍ୟା ୭ଟା।
- ବିଦ୍ୟାକନକ ସୃଜନାନୁଷ୍ଠାନ ପକ୍ଷରୁ ନାଟକ ସମାରୋହ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।

**କଟକ**

- ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ଷଷ୍ଠ ସମାବର୍ତ୍ତନ ଉତ୍ସବ, ବିଶ୍ୱବିଦ୍ୟାଳୟ ପରିସର, ସିଡିଏ, ମଧାହ୍ନ ୧୨ଟା ।
- ରାଜ୍ୟ ପ୍ରାଥମିକ ଶିକ୍ଷକ (ଏକ୍ସ-କ୍ୟାଡର) ମହାସଂଘ ପକ୍ଷରୁ ପ୍ରତିବାଦ, ବିକ୍ଷୋଭ ଓ ଧାରଣା, ମାଧ୍ୟମିକ ଶିକ୍ଷା ପରିଷଦ କାର୍ଯ୍ୟାଳୟ ସମ୍ମୁଖ, ମଧାହ୍ନ ୧୨ଟା ୩୦।

**ବାଲିଅନ୍ତା**

- ଶ୍ରୀ ନିକୁଞ୍ଜବିହାରୀ ଦେବଙ୍କ ସ୍ଥାପନର ଶତବାର୍ଷିକ ଉତ୍ସବରେ ଭାଗବତ ପ୍ରବଚନ, ବାଲିଅନ୍ତା ନିକୁଞ୍ଜବିହାରୀ ମନ୍ଦିର, ସକାଳ ୭ଟାରୁ ସନ୍ଧ୍ୟା ୭ଟା।

**ଗୋପ**

- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ନିଗମାନନ୍ଦ ଉଚ୍ଚ ବିଦ୍ୟାଳୟ, ପୂର୍ବାହ୍ନ ୧୧ଟା।

## ୨୨ରେ ଦେଶବ୍ୟାପୀ ବ୍ୟାଙ୍କ ଧର୍ମଘଟ ଡାକରା

**କଟକ ଅଫିସ, ୧୮।୧୦:** ଏଆଇବିଇଏ ଏବଂ ବିଏଫଆଇ ପକ୍ଷରୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ମିଶ୍ରଣ ଉଦ୍ୟମ ପ୍ରତିବାଦରେ ୨୨ତାରିଖରେ ଦେଶବ୍ୟାପୀ ବ୍ୟାଙ୍କ ଧର୍ମଘଟ ଡାକରା ଦିଆଯାଇଛି। ଏହି ଧର୍ମଘଟକୁ ସଫଳ କରିବା ପାଇଁ କଟକ ବ୍ୟାଙ୍କ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଏକ ସମାବେଶ ଶୁକ୍ରବାର ସୁବାସ ଚନ୍ଦ୍ର ବୋଷଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏଓବିଇଏର ସାଧରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ତ୍ରିପାଠୀ ଯୋଗଦେଇ ବ୍ୟାଙ୍କ ମିଶ୍ରଣ ଏକ ଜନବିରୋଧୀ ପଦକ୍ଷେପ। ଏହି ଧର୍ମଘଟକୁ ସଫଳ କରିବା ପାଇଁ ସେ ଅନୁରୋଧ କରିଥିଲେ। ଆସନ୍ତା ୨୦ ତାରିଖରେ ଯୋବ୍ରାସ୍ଥିତ ଏସ.ଏନ ସରକାର ଭବନଠାରେ ଏକ କନଭେନଶନ ଓ ୨୧ ତାରିଖରେ କାନାରା ବ୍ୟାଙ୍କ ସମ୍ମୁଖରେ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

### କ୍ଷୁଦ୍ର ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

## ୨.୫ କିଲୋ ସୁନା ଅଳଙ୍କାର ଜବତ

**କଟକ ଅଫିସ, ୧୮।୧୦:** ନୟାଗଡ଼ ଜିଲା କ୍ଷୁଦ୍ର ଜଳସେଚନ ବିଭାଗ ନିର୍ବାହୀଯନ୍ତ୍ରୀ ବିନୟ କୁମାର ସୁବୁଦ୍ଧିଙ୍କ ଘରୁ ଶୁକ୍ରବାର କଟକ ଭିଜିଲାନ୍ସ ସେଲ୍ ୨କୋଟି ୫୮ଲକ୍ଷ ୧ହଜାର ୮ଶହ ଟଙ୍କାର ଆୟ ବହିର୍ଭୁତ ସମ୍ପତ୍ତି ଠାବ କରିଛି। ଆୟ ବହିର୍ଭୁତ ସମ୍ପତ୍ତି ଠୁଳ କରିବା ଅଭିଯୋଗରେ ଭିଜିଲାନ୍ସର ସ୍ୱତନ୍ତ୍ର ଟିମ୍ ସୁବୁଦ୍ଧିଙ୍କର ଭୁବନେଶ୍ୱର, ନୟାଗଡ଼, ପୁରୀ, ବ୍ରହ୍ମପୁର ଆଦି ଅଞ୍ଚଳର ୮ଟି ସ୍ଥାନରେ ଚଢ଼ାଉ କରି ଏହି ସମ୍ପତ୍ତି ଠାବ କରିଥିବା ସୂଚନା ମିଳିଛି। ଭିଜିଲାନ୍ସ ବିଭାଗ ପକ୍ଷରୁ ସୁବୁଦ୍ଧିଙ୍କ ଭୁବନେଶ୍ୱର ଭୀମଟାଙ୍ଗୀରେ ରହିଥିବା ୨ମହଲା କୋଠା, ନୟାଗଡ଼ରେ ଥିବା ଅଫିସ୍ ଚାମ୍ବର ଓ କ୍ୱାର୍ଟର, ଭୁବନେଶ୍ୱର ଦାମୋଦରପୁରରେ ଥିବା ଫ୍ଲାଟ୍, ପୁରୀ ହରଚଣ୍ଡୀସାହି ଡିଭାଇନ୍ ମାନସିଅନରେ ଥିବା ଫ୍ଲାଟ୍, ଭୁବନେଶ୍ୱର ଜାଗମରାସ୍ଥିତ ଷ୍ଟଲୱାର୍ଟ ପାର୍ବତୀ ମାନିସନ, ବ୍ରହ୍ମପୁର ସ୍ଥିତ ପୈତୃକ ବାସଭବନ ଓ ସମ୍ପର୍କୀୟଙ୍କ ଘରେ ଏକା ସଙ୍ଗରେ ଚଢ଼ାଉ କରାଯାଇଥିଲା। ଚଢ଼ାଉରେ ଭିଜିଲାନ୍ସ ଏକ ଦୁଇ ମହଲା କୋଠା, ୩ଟି ଫ୍ଲାଟ୍, ବିଭିନ୍ନ ସ୍ଥାନରେ ଥିବା ୭ଟି ପ୍ଲଟ୍, ଗୋଟିଏ କାର୍, ବିଭିନ୍ନ ବ୍ୟାଙ୍କରେ ଜମାଥିବା ଟଙ୍କା, ବୀମା, ମ୍ୟୁଚୁଆଲ୍ ଫଣ୍ଡ, ୨.୫ କିଲୋ ଓଜନର ସ୍ୱର୍ଣ୍ଣ ଅଳଙ୍କାର, ୩.୫ କିଲୋ ଓଜନର ରୁପା ଗହଣା, ୨ଲକ୍ଷ ୯୭ ହଜାର ୩୬୦ଟଙ୍କା, ୯,୯୮, ୮୭ଟଙ୍କାର ଗୃହୋପକରଣ ଆଦି ଠାବ କରିଛି। ଏହା ମଧ୍ୟରୁ ୧କୋଟି ୯୮ଲକ୍ଷ ଟଙ୍କାର ମୂଲ୍ୟର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଆୟବହିର୍ଭୁତ ବୋଲି ଭିଜିଲାନ୍ସ ବିଭାଗ ପକ୍ଷରୁ କୁହାଯାଇଛି। ଏହି ଘଟଣାରେ ସୁବୁଦ୍ଧିଙ୍କୁ ଗିରଫ କରି ଭୁବନେଶ୍ୱର ଭିଜିଲାନ୍ସ ଅଦାଲତକୁ ଚାଲାଣ କରାଯାଇଛି। ଏବେ ସୁବୁଦ୍ଧି ବିଚାରବିଭାଗୀୟ ଜେଲ୍‌ରେ ରହିଛନ୍ତି ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

### ପାର୍କିଂ ଫି ଆଦାୟ: ୧୦ ମଲ୍‌କୁ ବିଡିଏର ନୋଟିସ

# ନିର୍ଦ୍ଦେଶ ନ ମାନିଲେ ବିଲ୍ଡିଂ ସିଲ୍

**ଭୁବନେଶ୍ୱର, ୧୮।୧୦(ବ୍ୟୁରୋ)**

ବ୍ୟବସାୟିକ ପ୍ରତିଷ୍ଠାନ, ସିନେମା ହଲ, ମଲ୍, ଆପାର୍ଟମେଣ୍ଟ, ହସ୍ପିଟାଲରେ ଲୋକଙ୍କ ପାଇଁ ପାର୍କିଂ ସମ୍ପୂର୍ଣ୍ଣ ମାଗଣା କରିବାକୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ନିର୍ଦ୍ଦେଶ ଦେଇଛି। ମାତ୍ର ଏହି ନିର୍ଦ୍ଦେଶକୁ ଅବମାନନା କରି ବେଆଇନ୍ ଭାବେ ପାର୍କିଂ ଫି ଆଦାୟ କରାଯାଉଛି। ଏଭଳି ଅଭିଯୋଗରେ ଶୁକ୍ରବାର ଏସ୍ପ୍ଲାନେଡ ଓ୍ୱାନ୍, ବିଏମ୍‌ସି ଭବାନୀ ମଲ, ଖାରବେଳନଗର ଫୋରମ୍ ମାର୍ଟ, ସିମ୍ଫୋନୀ, ଡିଏନ୍ ରେଗାଲିଆ ଆଦି ୧୦ଟି ମଲ୍‌କୁ ନୋଟିସ୍ କରାଯାଇଥିବା ବିଡିଏ ପ୍ଲାନିଂମେମ୍ବର ଗୌରୀଶଙ୍କର ଭୂୟାଁ କହିଛନ୍ତି। ଶନିବାର ବିଭିନ୍ନ ଘରୋଇ ହସ୍ପିଟାଲକୁ ନୋଟିସ ଦିଆଯିବ। ପ୍ଲାନିଂମେମ୍ବର ଭୂୟାଁ କହିଛନ୍ତି, ଉପରୋକ୍ତ ମଲଗୁଡ଼ିକରେ ବେଆଇନ ଭାବେ ପାର୍କିଂ ଫି ଆଦାୟ ହେଉଥିବା ବିଡିଏ ଟିମ୍ ଜାଣିବାକୁ ପାଇବା ପରେ ନୋଟିସ୍ ଦିଆଯାଇଛି। ପାର୍କିଂ ଫି ଆଦାୟ ବନ୍ଦ କରିବା, ବିଡିଏ ଦ୍ୱାରା ଦିଆଯାଇଥିବା ପ୍ଲାନ୍ ଅନୁସାରେ କାର୍ଯ୍ୟକରିବା, ୭ଦିନ ମଧ୍ୟରେ ଏହାର ସବିଶେଷ ରିପୋର୍ଟ ପ୍ରଦାନ କରିବାକୁ ନୋଟିସ୍‌ରେ କୁହାଯାଇଛି। ବିଡିଏର ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟ ନ ହେଲେ ଦୃଢ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ରେଗୁଲେଶନ୍ ୩୭ର ସବ୍ ରେଗୁଲେଶନ୍ (୭) ଅନୁଯାୟୀ ଉକ୍ତ ବିଲ୍ଡିଂକୁ ସିଲ୍ କରାଯିବ, ନଚେତ୍ ପ୍ଲାନ୍ ଆପ୍ରୁଭାଲକୁ ଅବୈଧ ଦର୍ଶାଇ ବିଲ୍ଡିଂକୁ ଭାଙ୍ଗିଦେବ। ବିଡିଏ ପ୍ଲାନିଂ ଓ ବିଲ୍ଡିଂ ଷ୍ଟାଣ୍ଡାର୍ଡସ୍ ଅନୁସାରେ ଫ୍ଲୋର ଏରିଆ ରେସିଓ (ଏଫଏଆର)କୁ ଭିତ୍ତିକରି ଉକ୍ତ ବିଲ୍ଡିଂ ପାର୍କିଂ ଯୋଗାଇ ଦେବାକୁ ବାଧ୍ୟ ବୋଲି ଭୂୟାଁ କହିଛନ୍ତି।

### ବିଏମ୍‌ସି ଭବାନୀ ମଲ୍‌ରୁ ପିଓଏସ୍ ମେଶିନ ଜବତ



ବେଆଇନ ପାର୍କିଂ ଫି ଆଦାୟ କରୁଥିବାରୁ ଶହୀଦନଗରସ୍ଥିତ ବିଏମ୍‌ସି ଭବାନୀ ମଲକୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କାରଣ ଦର୍ଶାଅ ନୋଟିସ ଜାରି କରିଛି। ବିଏମ୍‌ସି ପକ୍ଷରୁ ଗୁରୁବାର ପାର୍କିଂ ଫି ଆଦାୟ ବନ୍ଦ କରିବାକୁ କୁହାଯାଇଥିଲା। ଏହା ସତ୍ତ୍ୱେ ସେଠାରେ ପାର୍କିଂ ଫି ଆଦାୟ କରାଯାଉଥିବା ବିଏମ୍‌ସି ସେଣ୍ଟ୍ରାଲ୍ ସ୍କ୍ୱାଡ୍ ଦେଖିବାକୁ ପାଇଥିଲା। ଏପରି କି ସ୍କ୍ୱାଡ୍ ସେଠାରୁ ସୁରକ୍ଷା କର୍ମୀଙ୍କଠାରୁ ପାର୍କିଂ ଫି ଆଦାୟରେ ବ୍ୟବହୃତ ୨ଟି ପିଓଏସ୍ ମେଶିନ ଜବତ କରିଥିଲା।



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଶୁକ୍ରବାର ବିଦ୍ୟାକନକ ସୃଜନାନୁଷ୍ଠାନ ପକ୍ଷରୁ ମଞ୍ଚସ୍ଥ ନାଟକ 'ଅଳିଆ ଭିତରେ କାଳିଆ'ର ଏକ ଦୃଶ୍ୟ।

### ଗୋପବନ୍ଧୁ ଆୟୁର୍ବେଦ କଲେଜ ହଲ୍ ଭଡ଼ା ଅର୍ଥ ଅନିୟମିତତା ପ୍ରସଙ୍ଗ

## ଭିଜିଲାନ୍ସର ରେକର୍ଡପତ୍ର ଯାଞ୍ଚ: ସ୍ୱୀକାର କଲେ ଅଧକ୍ଷ

**ପୁରୀ ଅଫିସ, ୧୮।୧୦**

**ଫେରାଇଛନ୍ତି ୧ଲକ୍ଷ ୮୫ହଜାର**

ପୁରୀ ଗୋପବନ୍ଧୁ ଆୟୁର୍ବେଦ କଲେଜ ସମ୍ମିଳନୀ କକ୍ଷ ଭଡା ବାବଦ ଆଦାୟ ଅର୍ଥରେ ବ୍ୟାପକ ଅନିୟମିତତା ହୋଇଛି। ଗତ ସେପ୍ଟେମ୍ବର ୧୧ରେ ଏନେଇ ଧରିତ୍ରୀରେ ଏକ ଖବର ପ୍ରକାଶ ପାଇଥିଲା। ଶୁକ୍ରବାର ପୁରୀ ଦୁର୍ନୀତି ନିବାରଣ ସଂସ୍ଥା କଲେଜରେ ପହଞ୍ଚି ଯାଞ୍ଚ କରିଥିଲେ। ଏଥି ସମ୍ବନ୍ଧୀୟ ରେକର୍ଡପତ୍ର ଭିଜିଲାନ୍ସ ଦ୍ୱାରା ଜବତ କରାଯାଇଛି। ଆଦାୟ ଅର୍ଥରେ ଅନିୟମିତତା ହୋଇଥିବା ପୁରୀ ଭିଜିଲାନ୍ସ ଡିଏସ୍‌ପି ହର ନାରାୟଣ ପତି କହିଛନ୍ତି। ଦୁଇଜଣ ପୂର୍ବତନ କିରାଣି ଏହି ଅର୍ଥ ତୋସରପାତ କରିଥିବା ଯାଞ୍ଚବେଳେ ଜଣାପଡିଛି। କଲେଜ ଅଧକ୍ଷ ପ୍ରଫେସର ସୁଦର୍ଶନ ବେହେରା ଅନିୟମିତତା ପ୍ରସଙ୍ଗକୁ ସ୍ୱୀକାର କରିବା ସହ ୨ କିରାଣିଙ୍କଠାରୁ ୧ଲକ୍ଷ ୮୫ହଜାର ଟଙ୍କା ଆଦାୟ କରାଯାଇଥିବା କହିଛନ୍ତି। ଏ ସମ୍ପର୍କରେ ଆୟୁଷ ବିଭାଗକୁ ଚିଠି ଲେଖି ଜଣାଇଦିଆଯାଇଛି। ଏଥିରେ ସଂପୃକ୍ତ ଥିବା ଦୋଷୀ ଦଣ୍ଡ ପାଆନ୍ତୁ ବୋଲି ସେ କହିଛନ୍ତି। ଘଟଣାର ତଦନ୍ତ ଜାରି ରହିଛି।

ଭଡ଼ା ବାବଦ ଆଦାୟ ଅର୍ଥ ତୋସରପାତ ନେଇ ସୂଚନା ଅଧିକାର କର୍ମୀ ବଟକୃଷ୍ଣ ପ୍ରଧାନ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ କରିଥିଲେ। ପରେ ଏହି ଅନିୟମିତତା ସମ୍ପର୍କରେ ଆଇନଜୀବୀ ପ୍ରସନ୍ନ ଦାଶ ଭିଜିଲାନ୍ସ ଏସ୍‌ପି ଭୁବନେଶ୍ୱରଙ୍କ ନିକଟରେ ଅଭିଯୋଗ କରିଥିଲେ। ଆରଟିଆଇରୁ ମିଳିଥିବା ତଥ୍ୟରେ ଭଡ଼ା ବାବଦ ଆଦାୟ ଅର୍ଥରେ ଅନିୟମିତତା ହୋଇଥିବା ଧରାପଡିଥିଲା।

**ବେଆଇନ କୋଇଲା ଚାଲାଣ**

## ୭ଜଣଙ୍କୁ ଧରିଲା ଏସ୍‌ଟିଏଫ୍

**ଭୁବନେଶ୍ୱର, ୧୮।୧୦(ବ୍ୟୁରୋ)**

ଅନୁଗୋଳ ଜିଲାରେ ଗତ କିଛି ମାସ ହେବ ବେଆଇନ ଭାବେ କୋଇଲା ଚୋରା ଚାଲାଣ ଚାଲିଛି। ଏ ନେଇ ସ୍ଥାନୀୟ ପୋଲିସ ଓ ଜିଲା ପ୍ରଶାସନ ଅବଗତ ଥିଲେ ବି ଚୁପ ବସିଛି। ତେବେ ବେଆଇନ କୋଇଲା ଚୋରା ଚାଲାଣ ର୍‍ୟାକେଟର ପର୍ଦ୍ଦାଫାଶ କରିଛି କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍। ଗୁରୁବାର ରାତିରେ ଏସ୍‌ଟିଏଫ୍ ତାଳଚେରର ବିଭିନ୍ନ ସ୍ଥାନରେ ଚଢାଉ କରିଥିଲା। ଏହି ସମୟରେ ୭ଜଣଙ୍କୁ ଗିରଫ କରିବା ସହ ୭ଟି ଟ୍ରକ୍‌କୁ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଅନୁଗୋଳ ଜିଲା କୋଲିୟରୀ ଥାନା ଅଞ୍ଚଳର ଅଭୟ ସାହୁ, କଳମଛୁଇଁ ଗ୍ରାମର ସୁନୀଲ ବେହେରା, ଛେଣ୍ଡିପଦାର ସୁଶୀଲ କୁମାର ଭୂତିଆ, ପରଜଙ୍ଗ ଗ୍ରାମର ସାଗର ବେହେରା, ଦଧିଖାଇ ଗ୍ରାମର ରାଜେଶ କୁମାର ସାହ, ପରଜଙ୍ଗ ଥାନା ଅଞ୍ଚଳର ପର୍ଶୁରାମ ଦେହୁରୀଏବଂ ଖୁଣ୍ଟୁରିଆ ଗ୍ରାମର ବିଭୂତି ଭୂଷଣ ବେହେରା। ଏମାନଙ୍କ ବିରୋଧରେ ଏସ୍‌ଟିଏଫ୍ କେସ୍ ନଂ. ୧୫/୧୯ ରୁଜୁ ହୋଇଛି।

### 'ମୋ ଉପକାରୀ ବଗିଚା' କାର୍ଯ୍ୟକ୍ରମର ଶୁଭାରମ୍ଭ

## ପୁଷ୍ଟିହୀନମୁକ୍ତ ପଞ୍ଚାୟତକୁ ମିଳିବ ପୁରସ୍କାର

**ଭୁବନେଶ୍ୱର, ୧୮।୧୦(ବ୍ୟୁରୋ)**

ରାଜ୍ୟରେ ୨୦୦୫-୦୬ ବେଳକୁ ଶିଶୁ ମୃତ୍ୟୁହାର ୬୫% ଥିବାବେଳେ ୨୦୧୫-୧୬ ବେଳକୁ ହ୍ରାସ ପାଇ ୪୦%ରେ ପହଞ୍ଚିଛି। ଶିଶୁ ମୃତ୍ୟୁର ପ୍ରମୁଖ କାରଣ ପୁଷ୍ଟିହୀନତା। ରାଜ୍ୟକୁ ପୁଷ୍ଟିହୀନମୁକ୍ତ କରିବା ପାଇଁ 'ମୋ ଉପକାରୀ ବଗିଚା' କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ଯୋଜନାରେ ଲୋକେ ପନିପରିବା ବାଡ଼ିବଗିଚାରେ ଲଗାଇପାରିବେ। ସରକାର ଲୋକଙ୍କୁ ମଞ୍ଜି ବାଣ୍ଟିବା ସହ ପ୍ରଶିକ୍ଷଣ ଦେବେ। ଏହାଦ୍ୱାରା ଲୋକେ ଜୈବିକ ପନିପରିବା ପାଇପାରିବେ ଏବଂ ରାଜ୍ୟକୁ ପୁଷ୍ଟିହୀନମୁକ୍ତ କରିହେବ ବୋଲି ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି। ଅଜିମ୍ ପ୍ରେମ୍‌ଜୀ ଫିଲାନ୍ଥ୍ରୋପିକ ସଂସ୍ଥା ସହଯୋଗରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଏବଂ ରାଜ୍ୟ ଜୀବିକା ମିଶନ ପକ୍ଷରୁ ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ 'ପୁଷ୍ଟିସାର ପ୍ରୋତ୍ସାହନ



କାର୍ଯ୍ୟକ୍ରମର ଶୁଭାରମ୍ଭ ଅବସରରେ ମନ୍ତ୍ରୀ ପ୍ରତାପ ଜେନା ଓ ଅନ୍ୟମାନେ।

ଅନ୍ତର୍ଜାତୀୟ କର୍ମଶାଳା' ହୋଇଥିଲା। ଏହି ଅବସରରେ ମନ୍ତ୍ରୀ ଜେନା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପୁଷ୍ଟିହୀନମୁକ୍ତ ପଞ୍ଚାୟତଗୁଡ଼ିକୁ ରାଜ୍ୟ ସରକାର ପୁରସ୍କୃତ କରିବେ ବୋଲି ପଞ୍ଚାୟତିରାଜ ବିଭାଗ ପ୍ରମୁଖ ସଚିବ ଦେଓରଞ୍ଜନ କୁମାର ସିଂହ କହିଥିଲେ। 'ମୋ ଉପକାରୀ ବଗିଚା' କାର୍ଯ୍ୟକ୍ରମରେ ମହିଳାମାନେ ଚାଷବାସର ନିଷ୍ପତ୍ତି ନେବାରେ ଅଂଶଗ୍ରହଣ କରିବେ ବୋଲି କୃଷି ବିଭାଗ ପ୍ରମୁଖ ସଚିବ ସୌରଭ ଗର୍ଗ କହିଥିଲେ। ପୁଷ୍ଟିହୀନତା ଦୂର ଲାଗି ବିଭାଗଗୁଡ଼ିକ ମଧ୍ୟରେ ସମନ୍ୱୟ ଉପରେ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ସଚିବ ଅନୁ ଗର୍ଗ ଗୁରୁତ୍ୱ ଦେଇଥିଲେ। କର୍ମଶାଳାରେ ଅଜିମ୍ ପ୍ରେମ୍‌ଜୀ ଫିଲାନ୍ଥ୍ରୋପିକ ସିଇଓ ଆନନ୍ଦ ସ୍ୱାମୀନାଥନଙ୍କ ସମେତ ବାଂଲାଦେଶ ଓ ଫିଲିପାଇନ୍ସ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। 'ସୌହାର୍ଦ୍ଦୋ' କାର୍ଯ୍ୟକ୍ରମ ମାଧ୍ୟମରେ ବାଂଲାଦେଶ ସରକାର କିପରି ଲିଙ୍ଗଗତ ନିର୍ବିଶେଷରେ ଖାଦ୍ୟ ଓ ପୁଷ୍ଟିର ସୁରକ୍ଷା ହାସଲ କରିପାରିଛନ୍ତି, ସେ ବିଷୟରେ ବାଂଲାଦେଶ ସରକାରଙ୍କ ପ୍ରତିନିଧି କହିଥିଲେ। ରାଜ୍ୟ ଜୀବିକା ମିଶନର ନିର୍ଦ୍ଦେଶକ ସ୍ମୃତି ରଞ୍ଜନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ନଭେମ୍ବର ୧୯ରୁ ଭୁବନେଶ୍ୱର ପୁସ୍ତକ ମେଳା

**ଭୁବନେଶ୍ୱର, ୧୮।୧୦(ବ୍ୟୁରୋ)**

ଭୁବନେଶ୍ୱର ପୁସ୍ତକ ମେଳା କମିଟି ପକ୍ଷରୁ ଆସନ୍ତା ନଭେମ୍ବର ୧୯ରୁ ୩୬ତମ ଭୁବନେଶ୍ୱର ପୁସ୍ତକ ମେଳା ଆରମ୍ଭ ହେବ। ୟୁନିଟ୍-୩ ସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ହେବାକୁ ଥିବା ଏହି ମେଳା ଦଶ ଦିନ ବ୍ୟାପୀ ଚାଲିବ। ଏହି ପୁସ୍ତକ ମେଳାରେ ରାଜ୍ୟ ଓ ରାଜ୍ୟ ବାହାରର ବହୁ ପୁସ୍ତକ ପ୍ରକାଶନୀ ସଂସ୍ଥା ଯୋଗଦେବେ। ନଭେମ୍ବର ୧୯ ରୁ ୨୮ ତାରିଖ ପର୍ଯ୍ୟନ୍ତ ହେବାକୁ ଯାଉଥିବା ପୁସ୍ତକ ମେଳାରେ 'ସାଧାରଣ' ଓ 'ଡିଲକ୍ସ' ଭଳି ଦୁଇଟି ବର୍ଗର ଷ୍ଟଲ ରହିବ। ପ୍ରକାଶକମାନେ ଚାହିଁଲେ ଏକାଧିକ ଷ୍ଟଲ ନେଇପାରିବେ। ପ୍ରକାଶନୀ ସଂସ୍ଥା ବ୍ୟତୀତ ସ୍କୁଲ, କଲେଜ, ବୈଷୟିକ ଅନୁଷ୍ଠାନ, ଆର୍ଥିକ ସଂସ୍ଥା ଇତ୍ୟାଦି ମଧ୍ୟ ଷ୍ଟଲ ନେଇପାରିବେ ବୋଲି କମିଟି ସମ୍ପାଦକ ଅଶୋକ ମହାନ୍ତି କହିଛନ୍ତି। ମେଳା ଅବସରରେ ରାଜ୍ୟ ଓ ରାଜ୍ୟ ବାହାରର ଲେଖକ ଓ ପ୍ରକାଶକମାନେ ସାମିଲ ହେଉଥିବାରୁ ସେମାନଙ୍କ ସହିତ ପାଠକମାନେ ଭାବର ଆଦାନପ୍ରଦାନ କରିବାର ସୁଯୋଗ ପାଇବେ। ଏଥିପାଇଁ ସ୍ୱତନ୍ତ୍ର ସାହିତ୍ୟିକ ମଣ୍ଡପର ବ୍ୟବସ୍ଥା କରାଯାଇଛି। ଏହା ବ୍ୟତୀତ ପ୍ରତ୍ୟେକ ଦିନ ପୁସ୍ତକ ମେଳା ମୁଖ୍ୟ ମଣ୍ଡପରେ ପୁସ୍ତକ ଉନ୍ମୋଚନ, ସାହିତ୍ୟ ସଭା ସମେତ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏହି ଅବସରରେ ପୁସ୍ତକ ମେଳା ସମ୍ପର୍କରେ ଏକ ସ୍ମରଣିକା ମଧ୍ୟ ପ୍ରକାଶ କରାଯିବ। ଯେଉଁଥିରେ ପୁସ୍ତକ, ପୁସ୍ତକ ମେଳା ଏବଂ ଅନ୍ୟାନ୍ୟ ସାହିତ୍ୟ ସମ୍ପର୍କିତ ଲେଖା ଓ ତଥ୍ୟ ରହିବ। ୩୬ତମ ଭୁବନେଶ୍ୱର ପୁସ୍ତକ ମେଳାରେ ଷ୍ଟଲ ନେବାକୁ ଏବଂ ସ୍ମରଣିକାରେ ବିଜ୍ଞାପନ ଦେବାକୁ ଇଚ୍ଛୁକ ସଂସ୍ଥା ଓ ପ୍ରକାଶକମାନେ ପୁସ୍ତକ ମେଳା କମିଟି ଆବାହକ ପବିତ୍ର ପ୍ରଧାନ ଏବଂ ଯୁଗ୍ମ ସମ୍ପାଦକ ସିଦ୍ଧାର୍ଥ ଧଳଙ୍କ ସହିତ ଯୋଗାଯୋଗ କରିପାରିବେ ବୋଲି କମିଟି ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଜଣାଯାଇଛି।

### ବେଆଇନ ପଥର ଖନନ ମାମଲା

## ମୋଷ୍ଟ ଓ୍ୱାଣ୍ଟେଡ ଅଖତର ଗିରଫ

**ଭୁବନେଶ୍ୱର, ୧୮।୧୦(ବ୍ୟୁରୋ)**

ବେଆଇନ ପଥର ଖନନ ମାମଲାରେ ଫେରାର ଥିବା ମୋଷ୍ଟ ଓ୍ୱାଣ୍ଟେଡ ସେକ୍ ମହମ୍ମଦ ଅଖତରଙ୍କୁ ଏସ୍‌ଟିଏଫ୍ ଗୁରୁବାର ରାତିରେ ଖୋର୍ଦ୍ଧା ଅଞ୍ଚଳରୁ ଗିରଫ କରିଛି। ତାଙ୍କ ଘର ପୁରୀ ଜିଲା ଡେଲାଙ୍ଗ ଅଞ୍ଚଳରେ। ତାଙ୍କ ନାମରେ ଆଇପିସି ଦଫା ୩୭୯, ୪୧୧, ୪୬୭, ୪୬୮, ୪୭୧,୧୨୦(ବି) ଏବଂ ଆର୍ମ୍ସ ଆକ୍ଟ ୨୫ ଓ ୨୭ରେ କେସ୍ ନଂ. ୭/୧୯ ରୁଜୁ କରାଯାଇଛି। ଶୁକ୍ରବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

ସୂଚନା ଅନୁଯାୟୀ, ଖୋର୍ଦ୍ଧା ଜଗନ୍ନାଥ ମନ୍ଦିର ଜାଗାରେ ଥିବା ପଥର ଖଣିରୁ ଅଖତର ବେଆଇନ ଭାବେ ପଥର ଖନନ କରି ଚାଲାଣ କରୁଥିଲେ। ପୂର୍ବରୁ ଗିରଫ ହୋଇଥିବା ନାରାୟଣ ନଗରର ପ୍ରଫୁଲ୍ଲ କୁମାର ନାୟକଙ୍କ ସେ ସହଯୋଗୀ ଥିଲେ। ପ୍ରଫୁଲ୍ଲଙ୍କୁ ରିମାଣ୍ଡରେ ଆଣି ଏସ୍‌ଟିଏଫ୍ ପଚରାଉଚରା କରିବା ପରେ ସେ ଅଖତର ଏବଂ ଅନ୍ୟ ଅଭିଯୁକ୍ତଙ୍କ ନାମ କହିଥିଲେ। ଅଖତରଙ୍କୁ ୪ଦିନିଆ ରିମାଣ୍ଡରେ ଆଣିବା ପାଇଁ ଶନିବାର ଖୋର୍ଦ୍ଧା କୋର୍ଟରେ ଆବେଦନ କରାଯିବ ବୋଲି ଏସ୍‌ଟିଏଫ୍ ଏସ୍‌ପି ରାହୁଲ ପି.ଆର. କହିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



ସୌରଭ



ଅରୁଣ



ସତ୍ୟମ୍



ଦେବେନ୍ଦ୍ର



ପ୍ରଶାନ୍ତ



ଅଭିଜିତ୍



ରଣଜିତ୍



ସଞ୍ଜୟ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/

